# NATIONAL NEWS BULLETIN (ODIA)

**16 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଏକ ବିକଶିତ ରାଷ୍ଟ୍ର ଗଠନ କରିବା ସରକାରଙ୍କର ଲକ୍ଷ୍ୟ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଲୋକସଭା ବାଚସ୍ପତି କହିଛନ୍ତି ଦେଶରେ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ସିଏଜି ।

- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର

ଏବଂ

- ଝାନ୍ସୀ ମହାରାଣୀ ଲକ୍ଷ୍ମୀବାଈ ମେଡ଼ିକାଲ କଲେଜରେ ଅଗ୍ନିକାଣ୍ଡ ଘଟି ୧୦ ଶିଶୁଙ୍କ ମୃତ୍ୟୁ, ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ସହାୟତା ଘୋଷଣା

---

## ପିଏମ୍ -ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ତାଙ୍କ ସରକାରଙ୍କର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ଏକ ଘରୋଇ ଗଣମାଧ୍ୟମ ସଂସ୍ଥାର ଲିଡରସିପ୍ ସମିଟ୍‌ର ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି ଯେ ତାଙ୍କ ସରକାର ଭୋଟ୍‌ବ୍ୟାଙ୍କ

ରାଜନୀତିଠାରୁ ବହୁ ଦୂରରେ । ଜନତାଙ୍କ  ପାଇଁ ବିକାଶ ଏବଂ ଜନତାଙ୍କ ଦ୍ୱାରା ବିକାଶର ମନ୍ତ୍ର ନେଇ ତାଙ୍କ ସରକାର କାର୍ଯ୍ୟ କରୁଛି । ଜନସାଧାରଣ ମଧ୍ୟ ତାଙ୍କ ସରକାର ପ୍ରତି ଆସ୍ଥା ପ୍ରକଟ କରିଛନ୍ତି । ସେ କହିଛନ୍ତି ଗଣମାଧ୍ୟମ ଯୁଗରେ ଭୁଲ୍ ତଥ୍ୟ ଏବଂ ସୂଚନା ପ୍ରଦାନ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

ଶ୍ରୀ ମୋଦୀ ଆହୁରି କହିଛନ୍ତି ୨୦୧୪ ମସିହାରେ ଦେଶର ବଜେଟ୍ ପରିମାଣ ୧୬ଲକ୍ଷ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୪୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ବ୍ୟୟ ପରିମାଣ ୧୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି । ନୂତନ ଶିକ୍ଷାନୁଷ୍ଠାନ, ଗବେଷଣା ସୁବିଧା ଏବଂ ରେଳ କ୍ଷେତ୍ରରେ ପାଣ୍ଠି ବିନିଯୋଗ କରାଯାଇଛି ।

ପ୍ରତ୍ୟେକ ପରିବାରକୁ ଗ୍ୟାସ୍ ସଂଯୋଗ ଦେବା ନିମନ୍ତେ ତାଙ୍କ ସରକାର ପ୍ରାଥମିକତା ଦେଇଆସୁଛନ୍ତି । ୨୦୧୪ ମସିହାରେ ୧୪ କୋଟି ଗ୍ୟାସ୍ ସଂଯୋଗ ଥିବା ବେଳେ ବର୍ତ୍ତମାନ ୩୦ କୋଟିରୁ ଊର୍ଦ୍ଧ୍ୱ ଗ୍ୟାସ୍ ସଂଯୋଗ କରାଯାଇ ପାରିଛି । ଦେଶରେ ପରିମଳ କ୍ଷେତ୍ରରେ କେବଳ ଉନ୍ନତି ଘଟିଛି ତାହା ନୁହେଁ, ବରଂ ତାଙ୍କ ସରକାର ଅର୍ଥନୀତିରେ ପ୍ରଗତି ଏବଂ ବହୁସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସମର୍ଥ ହୋଇଛି । ଦେଶରେ ୧ଲକ୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଷ୍ଟାର୍ଟଅପ୍ ହୋଇଛି ଏବଂ ଯୁବକମାନେ ଏ କ୍ଷେତ୍ରରେ କାର୍ଯ୍ୟକରି ଦେଶକୁ ଗୌରବାନ୍ୱିତ କରିପାରିଛନ୍ତି । ସେହିପରି ଭାରତରେ ଆଜି ୧୦ କୋଟି ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ସେ କହିଛନ୍ତି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଛଅ ଦିନିଆ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନା ଗସ୍ତରେ ଯାଉଛନ୍ତି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ନାଇଜେରିଆରେ ପହଁଞ୍ଚିବେ। ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି। ଗତ ୧୭ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ନାଇଜେରିଆ ଗସ୍ତ। ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଟିନୁବୁଙ୍କ ସହିତ ଆଲୋଚନା କରିବେ । ନାଇଜେରିଆରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ଶ୍ରୀ ମୋଦୀ ମତବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ଏବଂ ନାଇଜେରିଆ ମଧ୍ୟରେ ଗତ ୨୦୦୭ ମସିହାରୁ ଆର୍ଥିକ ଶକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ ରହିଛି। ୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ କମ୍ପାନୀ ନାଇଜେରିଆର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୨୭ ବିଲିୟନ ଡଲାରରୁ ଅଧିକ ପୁଞ୍ଜିନିବେଶ କରିଛନ୍ତି।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ଓ ୧୯ ତାରିଖ ବ୍ରାଜିଲ୍ ଗସ୍ତରେ ଯିବେ। ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ଦ୍ୱାରା ରିଓ-ଡି-ଜେନେରିଓ ଠାରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା

ଗସ୍ତ କରିବେ । ୧୯୬୮ ମସିହା ପରେ ଗୁଆନା ଗସ୍ତ କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ।  ଗୁଆନା ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇର୍ଫାନ୍ ଅଲ୍ଲୀ ଗତବର୍ଷ ଭାରତ ଗସ୍ତରେ ଆସି ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ୧୭ତମ ପ୍ରବାସୀ ଭାରତୀୟ ଦିବସରେ ଅଂଶଗ୍ରହଣ କରିଥିଲେ। ତାଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା।

---

## ବିର୍ଲା-ଅଡିଟ୍ ଦିବସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଭାରତର କମ୍ପ୍ଟ୍ରୋଲ୍ର  ଆଣ୍ଡ ଅଡିଟର ଜେନେରାଲ୍-ସିଏଜି ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ବୋଲି କହିଛନ୍ତି । ସିଏଜିର ବିଶ୍ୱସନୀୟତା  ବିଶ୍ୱସ୍ତରରେ ବର୍ତ୍ତମାନ ମାନ୍ୟତା ହାସଲ କରିଛି । ନୂଆଦିଲ୍ଲୀଠାରେ ଚତୁର୍ଥ ଅଡିଟ୍ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ବିର୍ଲା ଭାରତୀୟ ଅଡିଟ୍ ବ୍ୟବସ୍ଥା ସଂପର୍କରେ ଅଧ୍ୟୟନ କରିବା ପାଇଁ ବିଭିନ୍ନ ଦେଶ ଭାରତକୁ ଆସୁଥିବା କହିଛନ୍ତି । ସିଏଜିର ସୁଶାସନ ଓ ସ୍ୱଚ୍ଛତାର ଅବଦାନକୁ ସମୀକ୍ଷା କରିବା ନିମନ୍ତେ ପ୍ରତିବର୍ଷ ଆଜିର ଦିନରେ ଅଡିଟ୍ ଦିବସ ପାଳନ କରାଯାଇଥାଏ ।

---

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଏନ୍.ଡି.ଏ. ଓ ଇଣ୍ଡି ମେଣ୍ଟ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ଭୋଟରମାନଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି ।

ଜାମ୍‌ତାରା ଠାରେ ବରିଷ୍ଠ ବିଜେପି ନେତା ତଥା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବା ହିମନ୍ତ ବିଶ୍ୱଶର୍ମା ନିର୍ବାଚନ ପ୍ରଚାର କରି ଝାଡ଼ଖଣ୍ଡ ସରକାରଙ୍କୁ ସମାଲୋଚନା କରିଛନ୍ତି । ରାଜ୍ୟ ସରକାର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ସେହିପରି ବରିଷ୍ଠ ଜେଏମଏମ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଦୁମ୍‌କା, ଦେଓଘର ଏବଂ ଧନୱାରରେ ଆଜି ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲୀକାର୍ଜୁନ ଖଡଗେ ମଧ୍ୟ ଜାମତାରା ଏବଂ ଖିଜ୍‌ରୀ ଠାରେ ନିର୍ବାଚନ ପ୍ରଚାର କରିବେ । ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଗୋଡା ଠାରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି । ଶିବରାଜ ସିଂ ଚୌହାନଙ୍କ ସମେତ ବରିଷ୍ଠ ବିଜେପି ନେତାମାନେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

## ଝାଡ଼ଖଣ୍ଡ କ୍ୟାମ୍ପେନ୍

ଝାଡ଼ଖଣ୍ଡର ଲିଟିପାରା ବିଧାନସଭା ନିର୍ବାଚନ ମଣ୍ଡଳୀର ଜେଏମଏମ ବିଧାୟକ ଦୀନେଶ ମାରାଣ୍ଡି ବିଜେପିରେ ଯୋଗ ଦେଇଛନ୍ତି । ବିଜେପିରେ ଯୋଗଦେବା ପରେ ସେ କହିଛନ୍ତି ମେହନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛି । ଶ୍ରୀ ମାରାଣ୍ଡି' ନିର୍ବାଚନ ଦାୟିତ୍ୱରେ ଥିବା ବିଜେପିର ଶିବରାଜସିଂ ଚୌହାନଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି ।

## ଝାନ୍‌ସୀ-ହସ୍ପିଟାଲ ଫାୟାର-ପିଏମ୍

ଉତ୍ତରପ୍ରଦେଶର ଝାନ୍‌ସୀସ୍ଥିତ ମହାରାଣୀ ଲକ୍ଷ୍ମୀବାଈ ମେଡ଼ିକାଲ କଲେଜର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟି ୧୦ ଜଣ ଶିଶୁଙ୍କର ମୃତ୍ୟୁ ଘଟିବା ସହ ୧୬ ଜଣ ଆହତ ହୋଇଛନ୍ତି । ଗତକାଲି ରାତି ୧୦ଟା ୪୫ ମିନିଟ୍ ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ କୁମାର ସୂଚନା ଦେଇଛନ୍ତି । କାନପୁର ଜୋନ୍ ଏଡିଜି ଆଲୋକ ସିଂ ଝାନ୍‌ସୀଠାରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ବିଦ୍ୟୁତ୍ ସଟ୍ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଶ୍ରୀ ସିଂ କହିଛନ୍ତି । ଅଗ୍ନିକାଣ୍ଡ ସମୟରେ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ୪୭ ଜଣ ଶିଶୁ ଥିଲେ ।

ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ସେ କହିଛନ୍ତି । ସରକାର ଘଟଣାର ତଦନ୍ତ ନିମନ୍ତେ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ପାଠକ କହିଛନ୍ତି । ଘଟଣାର ତ୍ରିସ୍ତରୀୟ ତଦନ୍ତ କରାଯିବ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଥମସ୍ତରୀୟ, ପୋଲିସ୍ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ସ୍ତରୀୟ ଏବଂ ତୃତୀୟ ସ୍ତରରେ ମାଜିଷ୍ଟ୍ରେଟ ତଦନ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଝାନ୍ସୀ ମେଡ଼ିକାଲ କଲେଜ ଶିଶୁ ମୃତ୍ୟୁ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀମତୀ ମୁର୍ମୁ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରାଣ ହରାଇଥିବା ଶିଶୁଙ୍କ ନିକଟ ସଂପର୍କୀୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ମଧ୍ୟ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗଣମାଧ୍ୟମରେ ପୋଷ୍ଟ କରି ପ୍ରାଣ ହରାଇଥିବା ଶିଶୁଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଘଟଣାର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ଉତ୍ତରପ୍ରଦେଶ ସରକାରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ବିଜନୋର ଠାରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ଡେରାଡୁନ୍-ନୈନିତାଲ ଜାତୀୟ ରାଜପଥର ଧାମପୁର ଠାରେ ଏକ ଦ୍ରୁତଗାମୀ କାର୍ ଗୋଟିଏ ୩ ଚକିଆ ଗାଡ଼ିକୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ବିଜନୋର ଜିଲ୍ଲା ଏସ୍.ପି. ଅଭିଷେକ ଝା ଆକାଶବାଣୀ ସମ୍ବାଦଦାତାଙ୍କୁ ସୂଚନା ଦେଇ କହିଛନ୍ତି ମୁରାଦାବାଦରୁ ଗୋଟିଏ ପରିବାରର ୬ ଜଣ ସଦସ୍ୟ ନିଜ ଗ୍ରାମ ତିବାରୀକୁ ଗୋଟିଏ ୩ ଚକିଆ ଗାଡ଼ିରେ ଆସୁଥିବା ବେଳେ ବିପରୀତ ଦିଗରୁ କାର୍‌ଟି ଧକ୍କା ଦେଇଥିଲା । କାର୍‌ର ଡ୍ରାଇଭର ଏବଂ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ସମ୍ଭାବ୍ୟ ସାହାଯ୍ୟ ସହଯୋଗ ଯୋଗାଇଦେବା ଲାଗି ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଟେକ୍ସଟାଇଲ୍

କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ନୂଆଦିଲ୍ଲୀଠାରେ ଆଜି ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂ କହିଛନ୍ତି ଏହି ମେଳା ଦେଶ ତଥା ବିଶ୍ୱସ୍ତରର କାରିଗରମାନଙ୍କୁ ସେମାନଙ୍କର କାରୁକଳା ପ୍ରଦର୍ଶିତ କରିବା ପାଇଁ ଉତ୍ତମ ମଞ୍ଚ ଯୋଗାଇ ଦେଇଛି । ମେଳାରେ ଚଳିତବର୍ଷ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତକଳା ସାମଗ୍ରୀ ପ୍ରଦର୍ଶିତ ହେଉଛି ।